Download Tech Of World App

WtsApp/Call- 8596976190

# OSSSC Exam- Mock Test, PYQS , Note, E-Books Get Now On App




## Tech Of World

## Download App

GET IT ON Google Play

## Click Here

YouTube- Click Here

Telegram- Click Here

Facebook- Click Here

Join Us-

TOW

Download Tech Of World App WtsApp/Call- 8596976190

# ODIA LANGUAGE

## SECTION–A : 10 Marks

ନିର୍ଦ୍ଦେଶାବଳୀ : ଏହି ଉପବିଭାଗର ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତର ପାଇଁ ଦୁଇ ମାର୍କ ରହିଛି । ନିମ୍ନ ଲିଖିତ ଅନୁଚ୍ଛେଦଟିକୁ ଯତ୍ନ ସହକାରେ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା ପ୍ରଶ୍ନ ମାନଙ୍କର ସଠିକ ଉତ୍ତର ନିର୍ଣ୍ଣୟ କରନ୍ତୁ ।

ପୃଥିବୀ ଯେଉଁସବୁ ସଙ୍କଟ ଭିତରେ ଗତି କରୁଛି ସେଥିପ୍ରତି ଧ୍ୟାନ ଦେଲେ ପ୍ରଳୟ ଆଶଙ୍କାକୁ ଭୀରୁ ମନର ଦୁର୍ବଳତା ବୋଲି କହିହେବ ନାହିଁ । ପୃଥିବୀ ଜନ ବିସ୍ଫୋରଣର ଦ୍ୱାର ଦେଶରେ । ଭାରତ ପରି ଦରିଦ୍ର ଜନବହୁଳ ଦେଶରେ ଲୋକସଂଖ୍ୟା ଆତଙ୍କଜନକ ଅବସ୍ଥାରେ ପହଞ୍ଚିଲାଣି ! ଏଣେ ଲୋକସଂଖ୍ୟା ବଢୁଥିବା ବେଳେ ତେଣେ ପ୍ରାକୃତିକ ସମ୍ପଦ କମିବାରେ ଲାଗିଛି । ଆରବ ଦେଶଗୁଡିକ ଆଖିବୁଜା ପେଟ୍ରୋଲର ଦାମ ବଢାଇ ଚାଲିଥିବାରୁ ପ୍ରକୃତି ସଞ୍ଚିତ ରଖିଥିବା ଖଣିଜ ଦ୍ରବ୍ୟର ଅଭାବ ଘଟିଲେ କି ପରିସ୍ଥିତି ଉପୁଜେ ତାହା ଆମେ ଅଙ୍ଗେ ନିଭେଇବାକୁ ଆରମ୍ଭ କରିଛୁ । ଭୂଗର୍ଭ କୋଇଲା, ପେଟ୍ରୋଲ ଇତ୍ୟାଦିର ଅସରନ୍ତି ଭଣ୍ଡାର ନୁହେଁ ! ହିସାବରୁ ଜଣାପଡୁଛି ଯେ ଆସନ୍ତା ପଚାଶ ବର୍ଷ ଭିତରେ ପେଟ୍ରୋଲ , ଶହେ ଦୁଇଶହ ବର୍ଷ ଭିତରେ କୋଇଲା ଓ ତା ପରେ .... ତା ପରେ କଣ ସରିବ ସେ ହିସାବ ଅନାବଶ୍ୟକ । ଶକ୍ତିସଙ୍କଟର ସନ୍ତୋଷଜନକ ସମାଧାନ ବିଜ୍ଞାନୀମାନେ ଇତି ମଧ୍ୟରେ କରି ନ ପାରିଲେ ପ୍ରଳୟ ପାଇଁ ଏ ଦୁଇଟିରୁ ଗୋଟିଏ ଶେଷ ହେବା ଯଥେଷ୍ଟ । ଗତ ଅର୍ଦ୍ଧଶତାବ୍ଦୀ ଧରି ବୈଜ୍ଞାନିକ ,ଯୋଜନା ବିଶେଷଜ୍ଞ ଓ ଚିନ୍ତାଶୀଳ ଲେଖକମାନେ ବିଶ୍ୱ ବାସୀ ଙ୍କୁ ପ୍ରାକୃତିକ ସମ୍ପଦ ଶେଷ ହୋଇଯିବାର ବିପଦ ସମ୍ପର୍କରେ ସତର୍କ କରି ଆସୁଛନ୍ତି ।

Techofworld.In

ଜନ ବିସ୍ଫୋରଣ ବା ଶକ୍ତିସଙ୍କଟ ନେଇ ଜନତା କିନ୍ତୁ ବିବ୍ରତ ନୁହେଁ । ଏ ବିଷୟରେ ଲୋକଙ୍କର ମନୋଭାବ ହେଉଛି , ବିଜ୍ଞାନୀ ଓ ଜନନାୟକଙ୍କର ସମସ୍ୟାରେ ଆମେ ମୁଣ୍ଡ ପୁରାଇ କିଛି ଲାଭ ନାହିଁ । ଯଥା ସମୟରେ ବିଜ୍ଞାନୀଗଣ କିଛି ପ୍ରତିକାର କରିବେ, ମହାସଙ୍କଟ କାଳରେ ସୃଷ୍ଟିକର୍ତ୍ତା ତାଙ୍କ ସୃଷ୍ଟିକୁ ରକ୍ଷା କରିବେ । ଏପରି ଆଶା କରିବା କେତେ ଦୂର ଯଥାର୍ଥ ସେ ଏକ ସ୍ୱତନ୍ତ୍ର ପ୍ରଶ୍ନ । କଥା ହେଉଛି, ବାସ୍ତବ ପ୍ରଳୟ ସମ୍ଭାବନା ସାମନାରେ ତା ଆମେ ଅବିଚଳିତ !

ପୃଥିବୀର ଜଳ, ସ୍ଥଳ, ଆକାଶ ଅଧିକରୁ ଅଧିକ ଦୂଷିତ ହେଉଛନ୍ତି । ଯେଉଁ ଗଙ୍ଗା ଆମର ଅତି ପବିତ୍ର ସେହି ଗଙ୍ଗାରେ କଳ କାରଖାନାର ମଇଳା ପାଣି ଓ ସହରର ନାଳ ନର୍ଦ୍ଦମା ସବୁ ଉପନଦୀ ପରି ଆସି ମିଶି ତାର ଜଳକୁ ଦୂଷିତ କରି ଚାଲିଛନ୍ତି । ଭାରତର ନଦୀମାନେ ଆଉ ପୁଣ୍ୟତୋୟା ହୋଇ ନାହାନ୍ତି । ଜନତା ଏହିସବୁ କଥା ଶୁଣି ଗୁମମାରେ, ବିଶେଷତଃ ଗଙ୍ଗାଜଳ ଦୂଷିତ ହେଉଥିବା କଥା ତାର ମନକୁ ଛୁଏଁ – କ୍ଷଣକ ପାଇଁ । ଅସଲ ଗଙ୍ଗା ମନରେ ଓ ଏହିପରି ସାନ୍ତ୍ୱନା ବାଣୀର ତ ଅଭାବ ନାହିଁ ।

ଅନେକ ଉପରେ ବହି ଯାଉଥିବା ଝଡକୁ କେହି ଭୟ କରନ୍ତି ନାହିଁ । ଝଡର ଶବ୍ଦ ପ୍ରତି ଧ୍ୟାନ ଆକର୍ଷଣ କରାଗଲେ କଳ୍ପନାରେ ଝଡର ବତାସ କିନ୍ତୁ ଯେଉଁମାନଙ୍କ ଦେହରେ ବାଜେ , ସେମାନଙ୍କ କଥା ସ୍ୱତନ୍ତ୍ର । ପୃଥିବୀକୁ ଘୋଟି ଆସୁଥିବା ସଙ୍କଟମାନଙ୍କୁ ଦେଖି ସେମାନେ ଥୟ ରହିପାରନ୍ତି ନାହିଁ । ଘନେଇ ଆସୁଥିବା ବିପଦ ସମ୍ପର୍କରେ ସେମାନେ ଥୟ ରହିପାରନ୍ତି ନାହିଁ। ଘନେଇ ଆସୁଥିବା ବିପଦ ସମ୍ପର୍କରେ ସେମାନେ ଜଗତବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତି । ଭୂଗର୍ଭରେ ସଞ୍ଚିତ ସମ୍ପଦ ସରିଆସୁଛି , ପୃଥିବୀ ଜନ ବିସ୍ଫୋରଣର ପାଖାପାଖି ପହଞ୍ଚିଯାଇଛି । କ୍ରମଶଃ ବିଷାକ୍ତ ହେଉଥିବା ପୃଥିବୀ ଆଉ ମନୁଷ୍ୟର ବାସପୋଯୋଗୀ ହୋଇ ନ ରହିବାର ଆଶଙ୍କା ଦିଶୁଛି – ଏସବୁ ସତ୍ୟ ଜନତାକୁ ସ୍ପର୍ଶ କରିପାରେନା । ଏପରିକି ପରମାଣୁ ବୋମା ପ୍ରତି ଜନତାସୁଲଭ ଆତଙ୍କ ପ୍ରକାଶ ପାଏ ନାହିଁ । ଆମେରିକା ଓ ରୁଷିଆ ପ୍ରତ୍ୟେକ ପୃଥିବୀକୁ ଶତାଧିକବାର ଧ୍ୱଂସ କଲା ପରି ଅଣୁ ଅସ୍ତ୍ରରେ ସଜ୍ଜିତ । ସମୁଦାୟ ପୃଥିବୀକୁ ଥରେ ନୁହଁ , ଶହେଥର ନିମିଷକେ ଧ୍ୱଂସ କରିଦେଲା ପରି ଅସ୍ତ୍ରଶସ୍ତ୍ରର ମାଲିକ ହେଲା ପରେ ମଧ୍ୟ ଦୁଇଟିଯାକ ଦେଶ ବିପୁଳ ଅର୍ଥବ୍ୟୟ କରି ଅଧିକ ମାରାତ୍ମକ ବୋମା ପ୍ରସ୍ତୁତ କରିବା ଦିଗରେ ଦୀର୍ଘକାଳ ପ୍ରତିଯୋଗୀତା ବଜାୟ ରଖିଥିଲେ ।

**31.** ଗଙ୍ଗା ଓ ଅନ୍ୟ ନଦୀ ଜଳର ପ୍ରଦୂଷଣ ପାଇଁ ମଣିଷ ଆତଙ୍କିତ ନୁହେଁ କାହିଁକି ?

A) ଗଙ୍ଗା ଓ ଅନ୍ୟ ନଦୀର ଜଳ ପବିତ୍ର

B) ମନ ନିର୍ମଳ ଥିଲେ ଦୂଷିତ ବି ପବିତ୍ର ହୋଇଯିବ

C) ନଦୀ ଜଳକୁ ସରକାର ପ୍ରଦୂଷଣମୁକ୍ତ କରିବେ

D) ଈଶ୍ୱର ଅଛନ୍ତି , ସବୁ କଥା ବୁଝିବା ପାଇଁ

Join Us-

Download Tech Of World App WtsApp/Call- 8596976190

**32.** ପୃଥିବୀ ଧ୍ୱଂସମୁଖୀନତା ସମ୍ପର୍କରେ ସାଧାରଣ ମଣିଷର ଧାରଣା କଣ ?

A) ଏହା କଳ୍ପନା

B) ଏହା ବାସ୍ତବ

C) ଈଶ୍ୱର ସୁରକ୍ଷାକର୍ତ୍ତା

D) ସମାଧାନ ସ୍ୱତଃ ସମ୍ଭବ

**33.** ପ୍ରାକୃତିକ ସମ୍ପଦ ନଷ୍ଟ ଓ ଜନ ବିସ୍ଫୋରଣ ପ୍ରଳୟର କାରଣ ବୋଲି ଚିନ୍ତାଶୀଳ ମାନଙ୍କ କଥାକୁ ମଣିଷ ମାନୁନାହିଁ କାହିଁକି ?

Techofworld.In

A) ଏହା ଈଶ୍ୱରଦତ୍ତ

B) ଏହାର ବିକଳ୍ପ ସମ୍ଭବ

C) ମଣିଷର ଭୋଗ ଲିପ୍ସା

D) ଏହା ମନର ଦୁର୍ବଳତା

**34.** ପ୍ରଳୟର ସୃଷ୍ଟିକର୍ତ୍ତା କିଏ ?

A) ଈଶ୍ୱର

B) ଦେବତା

C) ମଣିଷ

D) ପ୍ରକୃତି

**35.** ଶକ୍ତି ସଙ୍କଟକୁ ନେଇ ମଣିଷ ବିବ୍ରତ ନୁହେଁ କାହିଁକି ? କିଏ ସମାଧାନ କରିବ ?

A) ସୃଷ୍ଟିକର୍ତ୍ତା

B) ବୈଜ୍ଞାନିକ

C) ଜନନାୟକ

D) ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ

Join Us- TOW

Download Tech Of World App
WtsApp/Call- 8596976190

# ODIA LANGUAGE

## SECTION–B : 5 Marks

ନିର୍ଦ୍ଦେଶାବଳୀ : ଏହି ଉପବିଭାଗର ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତର ପାଇଁ ଏକ ମାର୍କ ରହିଛି । ନିମ୍ନୋକ୍ତ ଇଂରାଜୀ ବାକ୍ୟଗୁଡିକ ଯତ୍ନ ସହକାରେ ପଢନ୍ତୁ ଏବଂ ତା' ତଳେ ଦିଆଯାଇଥିବା ସମ୍ଭାବ୍ୟ ଓଡିଆ ଭାଷାନ୍ତର ମଧ୍ୟରୁ ସର୍ବୋତ୍କୃଷ୍ଟ ଭାଷାନ୍ତର ସୂଚିତ ବାକ୍ୟଟି ନିର୍ଣ୍ଣୟ କରନ୍ତୁ ।

**36.** It is a matter of satisfaction that almost everybody now-a-days has a bank account.

A) ଏହା ସନ୍ତୋଷର ବିଷୟ ଯେ ଆଜି ପ୍ରାୟ ପ୍ରତ୍ୟେକଙ୍କର ଏକ ବ୍ୟାଙ୍କ ଖାତା ଅଛି।
B) ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆଜି ସମସ୍ତଙ୍କ ବ୍ୟାଙ୍କ ଖାତା ଅଛି।
C) ଏହା କୁହାଯାଇପାରେ ଯେ ଆଜି ସମସ୍ତଙ୍କର ବ୍ୟାଙ୍କ ଖାତା ଅଛି।
D) ଏହା କୁହାଯାଇପାରେ ଯେ ସମସ୍ତଙ୍କର ବ୍ୟାଙ୍କ ଖାତା ଅଛି।

**37.** Very few people of India know about the cost of printing notes and the period the notes remain in circulation.

A) ଭାରତର ବହୁତ କମ ଲୋକ ଟଙ୍କା ଛପାଇବାରେ କେତେ ଖର୍ଚ୍ଚ ହୁଏ ଓ ନୋଟ ଗୁଡିକ କେତେ ଦିନ ଧରି ପ୍ରଚଳିତ ରହେ, ସେ ସମ୍ବନ୍ଧରେ ଜାଣନ୍ତି।
B) ଭାରତର ବହୁତ କମ ଲୋକ କେତେ ଟଙ୍କା ବ୍ୟୟ ହୁଏ ଓ ନୋଟ ଗୁଡିକ କେତେ ଦିନ ଧରି ପ୍ରଚଳିତ ରହେ, ସେ ସମ୍ବନ୍ଧରେ ଜାଣନ୍ତି।
C) ଭାରତର ବହୁତ କମ ଲୋକ ଟଙ୍କା ଛପା କିପରି ହୁଏ ଓ ସେଗୁଡିକ କେତେ ଦିନ ଚଳେ, ସେ ବିଷୟରେ ଜାଣନ୍ତି।
D) ଭାରତର କୌଣସି ଲୋକ ଟଙ୍କା ଛପାରେ କେତେ ଖର୍ଚ୍ଚ ହୁଏ ଓ ଏହା କେତେ ଦିନ ଚାଲେ, ସେହି ବିଷୟରେ ଜାଣନ୍ତି ନାହିଁ।

**38.** The Union Finance Ministry has proposed amalgamation of Banks.

A) କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ବ୍ୟାଙ୍କ ଗୁଡିକର ମିଶ୍ରଣର ପ୍ରସ୍ତାବ ରଖିଛନ୍ତି।
B) କେନ୍ଦ୍ର ଅର୍ଥ ମନ୍ତ୍ରୀ ବ୍ୟାଙ୍କ ଗୁଡିକର ମିଶ୍ରଣ କରିଛନ୍ତି।
C) କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ବ୍ୟାଙ୍କ ଗୁଡିକୁ ବ୍ୟକ୍ତିଗତ ପରିଚାଳନାରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି।
D) କେନ୍ଦ୍ର ଅର୍ଥ ମନ୍ତ୍ରୀ ବ୍ୟାଙ୍କ ଗୁଡିକୁ ବନ୍ଦ କରିବାକୁ ପ୍ରସ୍ତାବ ରଖିଛନ୍ତି।

Techofworld.In

**39.** This may enhance the efficiency of the Banks.

A) ଏହା ବ୍ୟାଙ୍କ ଗୁଡିକର କାର୍ଯ୍ୟ ଦକ୍ଷତା ବଢାଇ ପାରେ। B) ଏହା ବ୍ୟାଙ୍କ ଗୁଡିକର କାର୍ଯ୍ୟ ଦକ୍ଷତା କମାଇ ପାରେ।
C) ଏହା ବ୍ୟାଙ୍କ ଗୁଡିକର ପ୍ରତିଯୋଗିତା ବଢାଇ ପାରେ। D) ଏହା ବ୍ୟାଙ୍କ ଗୁଡିକର ଲାଭ ବଢାଇ ପାରେ ।

**40.** Banks have played an important role to shape the financial structure of the nation after its nationalization in 1969.

A) 1969ରେ ଜାତୀୟକରଣ ପରେ, ବ୍ୟାଙ୍କ ଗୁଡିକ ଆମ ଦେଶର ଅର୍ଥନୈତିକ ଢାଞ୍ଚା ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।
B) 1969ରେ ଜାତୀୟକରଣ ପରେ, ବ୍ୟାଙ୍କ ଗୁଡିକ ଆମ ଦେଶର ଅର୍ଥନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାରେ ପରିଚାଳନା କରିଛନ୍ତି।
C) ଜାତୀୟକରଣ ପରେ 1969 ରେ ଆମ ଦେଶର ଅର୍ଥନୀତିକୁ ବ୍ୟାଙ୍କମାନେ ପ୍ରଭାବିତ କରିଛନ୍ତି।
D) 1969 ର ଜାତୀୟକରଣ, ବ୍ୟାଙ୍କ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥନୀତିକ ଭୂମିକା ପ୍ରଦାନ କରିଛି।

Join Us-

Download Tech Of World App WtsApp/Call- 8596976190

# ODIA LANGUAGE

## SECTION–C : 20 Marks

ନିର୍ଦ୍ଦେଶାବଳୀ : ଏହି ଉପବିଭାଗର ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତର ପାଇଁ ଏକ ମାର୍କ ରହିଛି । ଏ ବିଭାଗରେ ଦିଆଯାଇଥିବା ପ୍ରଶ୍ନଗୁଡିକ ଯତ୍ନ ସହକାରେ ପଢନ୍ତୁ ଏବଂ ପ୍ରତ୍ୟେକରେ ପ୍ରଦତ୍ତ ଚାରୋଟି ଉତ୍ତର ମଧ୍ୟରୁ ସଠିକ ଉତ୍ତରଟି ନିର୍ଣ୍ଣୟ କରନ୍ତୁ ।

**41.** ସଂସ୍କାର – କେଉଁ ସନ୍ଧିରେ ଶବ୍ଦଟି ତିଆରି ହୋଇଛି ।

A) ସ୍ୱର ସନ୍ଧି B) ବ୍ୟଞ୍ଜନ ସନ୍ଧି C) ବିସର୍ଗ ସନ୍ଧି D) ଦୀର୍ଘସ୍ୱର ସନ୍ଧି

**42.** ଧୋବାକୁ ଲୁଗା ଦିଅ । ଧୋବାକୁ କେଉଁ ବିଭକ୍ତି ?

A) ଦ୍ୱିତୀୟା B) ତୃତୀୟା C) ପଞ୍ଚମୀ D) ଷଷ୍ଠୀ

**43.** ହୁତୁ ହୁତୁ ହେଇ ନିଆଁ ଜଳୁଛି । ହୁତୁ ହୁତୁ କେଉଁ ପଦ ?

A) ବିଶେଷ୍ୟ B) କ୍ରିୟା C) ଅବ୍ୟୟ D) କ୍ରିୟା ବିଶେଷଣ

**44.** ପରମ୍ପରାର ଅର୍ଥ ?

Techofworld.In

A) ଯାହା ବଦଳୁଥାଏ B) ଯାହା ଆଦୌ ବଦଳୁନଥାଏ

C) ଅନ୍ଧବିଶ୍ୱାସ D) କୌଣସିଟି ନୁହେଁ

**45.** 'ଅନନ୍ତ' କେଉଁ ସମାସ ?

A) ତତ୍ ପୁରୁଷ B) ବହୁବ୍ରୀହି C) କର୍ମଧାରୟ D) ଦ୍ୱିଗୁ

**46.** କେଉଁଟି ତଦ୍ଧିତ ପଦ ?

A) କୁମ୍ଭାରୁଆ B) ପାଠୁଆ C) ଗମନ D) ଶୟନ

**47.** 'ସଂସ୍କୃତି' ର ବିପରୀତାର୍ଥ ଶବ୍ଦଟି ଚିହ୍ନାଅ ?

A) ଅପସଂସ୍କୃତି B) ଦୁଷ୍କୃତି C) ଅନୁସଂସ୍କୃତି D) ପରାସଂସ୍କୃତି

**48.** 'କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ '। ଏହା କେଉଁ ପ୍ରକାରର ଅଭିବ୍ୟକ୍ତି ?

A) ଢଗ B) ଢମାଳି C) ଆପ୍ତ ବାକ୍ୟ D) ରୂଢି

**49.** ସକାଳେ ସୂର୍ଯ୍ୟ ଉଦୟ ହୁଅନ୍ତି । ଏହା କେଉଁ କାରକ ?

A) କର୍ତ୍ତାକରକ B) କରଣକାରକ C) ଅଧିକରଣକାରକ D) ଅପାଦାନକାରକ

**50.** ତାଙ୍କର ପଞ୍ଚତ୍ୱପ୍ରାପ୍ତି ଘଟିଲା । 'ପଞ୍ଚତ୍ୱପ୍ରାପ୍ତି' ର ଅର୍ଥ କଣ ?

A) ମୃତ୍ୟୁ B) ସିଦ୍ଧି C) ଜନ୍ମ D) ନିର୍ବାଣ

Join Us-

Download Tech Of World App WtsApp/Call- 8596976190

51. ମା ପୁଅକୁ କହିଲେ – ରାତିରେ ଲମ୍ବଜନ୍ତୁ ଙ୍କ ନା ଧରିବୁ ନାହିଁ । 'ଲମ୍ବଜନ୍ତୁ' ର ଅର୍ଥ କ'ଣ?

A) ବିଛା B) ଜିଆ C) ସାପ D) ତେଲୁଗୁଣି ପୋକ

52. 'ଶିବା'-ଶବ୍ଦର ଅର୍ଥ ଲେଖ?

A) ବିଲୁଆ B) ଶିବ ମନ୍ଦିର C) ମଙ୍ଗଳକର D) କୌଣସିଟି ନୁହେଁ

53. ଏକ ଲୋକୋକ୍ତି ରହିଛି, ' କୁକୁର ଲାଙ୍ଗୁଡ ବଙ୍କା' । ଏହାର ଅର୍ଥ କଣ ?

A) ଅପରିବର୍ତ୍ତନୀୟ B) କ୍ଷୁଦ୍ରତା C) ଅପରିଷ୍କୃତ D) କୌଣସିଟି ନୁହେଁ

54. ନିମ୍ନ ଲିଖିତ ବାକ୍ୟ ମଧ୍ୟରୁ କେଉଁ ବାକ୍ୟଟି ଶୁଦ୍ଧ ଚିହ୍ନଟ କର ?

A) ପରଂପରାକୁ ଅକ୍ଷୁଣ୍ଣ ରଖିବା ଉଚିତ । B) ଘର ଭିତରେ ପଦାର୍ଥମାନେ ଏଣେତେଣେ ପଡିଛନ୍ତି ।

C) ଆମ୍ଭେମାନେ କଲିକତା ଯାଇଅଛନ୍ତି। D) ଜିନିଷପତ୍ର ପରିଷ୍କୃତ ରଖିବା ଉଚିତ।

Techofworld.In

55. 'ଜାଣିବାର ଇଚ୍ଛା' – ଏକ ପଦରେ ଲେଖ ।

A) ପିପାସା B) ଜିଜ୍ଞାସା C) ବୁଭୁକ୍ଷା D) ମନୀଷା

56. ଶୁଦ୍ଧ ଶବ୍ଦଟି କଣ ?

A) ପୁରଷ୍କାର B) ପୁରସ୍କାର C) ପୁରସ୍କର D) କୌଣସିଟି ନୁହେଁ

57. ଷୋଡଶୀ କାହାକୁ କୁହନ୍ତି ?

A) ସ୍ୱର ବର୍ଣ୍ଣ ଆରମ୍ଭରେ ଥାଇ ଷୋଳପାଦ ବିଶିଷ୍ଟ କବିତା

B) ଷୋହଳ ଛାନ୍ଦ ବିଶିଷ୍ଟ ରଚନା

C) ଷୋହଳ ପଦ ବିଶିଷ୍ଟ ରଚନା

D) ଷୋହଳ ପାଦ ବିଶିଷ୍ଟ ରଚନା

58. କବିତାରେ ଚାରିପଦ ଥିବା ରଚନାକୁ କଣ କୁହାଯାଏ ?

A) ଚଉପଦୀ B) ଚଉପଦା C) ଚଉପଦିକ D) ଚଉତନ

59. "ସୂର୍ଯ୍ୟ ଉଦୟ ହେବାରୁ ପଦ୍ମ ଫୁଟିଲା"। ଏହା କେଉଁ ବାକ୍ୟ ଲେଖ ?

A) ସରଳ B) ଯୌଗିକ C) ଜଟିଳ D) କୌଣସିଟି ନୁହେଁ

60. ବାଃ, ବାଃ, କେତେ ସୁନ୍ଦର ! ଏହି ବାକ୍ୟର ଶେଷରେ ଥିବା ଚିହ୍ନଟି କେଉଁ ଚିହ୍ନର ସୂଚକ ?

A) କମା B) ସେମିକୋଲୋନ C) ପୂର୍ଣ୍ଣଛେଦ D) ବିସ୍ମୟସୂଚକ

Join Us- TOW